24 YEARS
ସମ୍ବାଦ କଳିକା

# ସ୍ଥିତିକୁ ଦେଖି ପରିବର୍ତ୍ତନ

ଶିକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରଶ୍ନ ଉଠିଥାଏ । ଦେଶର ଶିକ୍ଷା ବ୍ୟବସ୍ଥା ଯେ, ସୁଧୁରିବା ଆବଶ୍ୟକ ଏକଥା ବୁଦ୍ଧିଜୀବୀମାନେ ଭଲ ଭାବରେ ଉପଲବ୍ଧ କରିଛନ୍ତି । ନିକଟରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ କରିଥିଲେ ଯେ ନୂତନ ଶିକ୍ଷାନୀତି ତିଆରି ପାଇଁ ନୂତନ କମିଟି ଗଠନ କରାଯିବ ବୋଲି । କିନ୍ତୁ ନୂଆନୀତି ତିଆରି କରିବା ପୂର୍ବରୁ ସମୀକ୍ଷାର ଆବଶ୍ୟକତା ରହିଛି ଯେ, ପୂର୍ବ ଶିକ୍ଷା ସମ୍ପର୍କିତ ସୁପାରିଶର କ'ଣ ହେଲା ? ଏହାର ଆମୂଳଚୂଳ ବିଶ୍ଳେଷଣ ହେବା ଆବଶ୍ୟକ । ଯାହାଦ୍ୱାରା କି ବିଗତ ୬୦ବର୍ଷ ହେଲା ଭଲ-ମନ୍ଦ ସକାରାତ୍ମକ-ନକାରାତ୍ମକ ଉପଯୋଗୀ ଓ ବେକାରର ଚିହ୍ନଟ କରିବାରେ ସହାୟତା ମିଳିବ । ଭଲ ଉଦ୍ଦେଶ୍ୟ କାହିଁକି ପୂରଣ ହୋଇ ପାରୁନାହିଁ । ଖରାପ ଉଦ୍ଦେଶ୍ୟ ଯେମିତିକି ଶିକ୍ଷାର ରାଜନୀତିକରଣ କାଗଜପତ୍ରରେ କେମିତି ଚାଲିଆସିଥିଲା ? ଶିକ୍ଷାରେ ସରକାରଙ୍କ ପକ୍ଷରୁ ସମାଜର ଭୂମିକା କେତେ ଓ କ'ଣ ହେବା ଉଚିତ ? ଶିକ୍ଷା ଓ ରୋଜଗାର ମଧ୍ୟରେ ସୃଷ୍ଟି ହୋଇଥିବା ଅଭିନ୍ନ ସମ୍ପର୍କକୁ କିଭଳି ଦୃଷ୍ଟିରେ ନେବା ଉଚିତ ? କ'ଣ ଶିକ୍ଷାର ପରିଭାଷା ବଦଳିବାର ସମୟ ଆସିଯାଇଛି ? ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ହେବା ଉଚିତ ? ଦେଶର ସୁଦ୍ଧଜ୍ଞାନ, ସ୍ୱତନ୍ତ୍ର, ଚିନ୍ତନକୁ ଅଗ୍ରାଧିକାର ଦେବା ଅର୍ଥାତ୍ ସାଂସ୍କୃତିକ ଉତ୍ଥାନ ପାଇଁ କ'ଣ କ'ଣ କରିବା ଉଚିତ ? କ'ଣ ଭାରତୀୟ ଭାଷାର ସହଜ ବିକାଶ ପାଇଁ ଯାହା କିଛି କରାଯାଇପାରେ ? ଏହିଭଳି ଅନେକ ପ୍ରଶ୍ନକୁ ଗମ୍ଭୀରତା ସହ ଗ୍ରହଣ କରିବାର ଆବଶ୍ୟକତା ରହିଛି । ତାହେଲେ ଯାଇ କୌଣସି ନୂତନ ନଥି ବା ପାଠ୍ୟଚର୍ଚ୍ଚା ପ୍ରଭୃତି ସୃଷ୍ଟି ହୋଇପାରିବ । ଏଥିରେ ଏଭଳି ଆବର୍ଜନା ନହେବା ଉଚିତ ଯାହାଦ୍ୱାରା ସମ୍ବନ୍ଧ ନଥିବା ବିଚାର ଅଥବା ରଙ୍ଗ-ବେରଙ୍ଗୀ, ଅଡୁଆ-ତଡୁଆ, ଅନ୍ତବିରୋଧୀ ପରିକଳ୍ପନାପୂର୍ଣ୍ଣ ମିଳିଥାଏ । ଅନ୍ତଃ ନୂତନ ନୀତିର ନୂଆ ପଣିଆ କେବଳ ଔପଚାରିକ ହୋଇ ରହିବ ନାହିଁ । ତାହା ବାସ୍ତବିକ ରୂପରେ ପ୍ରେରକ ହେବ । ଆମେ ନା କାରିଗରୀ କୌଶଳ କ୍ଷେତ୍ରରେ ପଛୁଆ ହୋଇ ରହିଛେ ନା ସ୍ୱତନ୍ତ୍ର ବୌଦ୍ଧିକ ଚିନ୍ତନରେ । ଆମର ଜ୍ଞାନ, ସଂସ୍କୃତିର ସମ୍ପଦକୁ ଆମେ ଭୁଲିବା ଅନୁଚିତ । ଯୁଗ ଯୁଗ ଧରି ଭାରତର ଏହା ମୁଖ୍ୟ ଗୌରବଶାଳୀ ପରିଚୟ ଥିଲା । ଏହାକୁ ପୁନଃ ସ୍ଥାପିତ କରିବା ସରଳ କାର୍ଯ୍ୟ ନୁହେଁ । କିନ୍ତୁ ଏହାକୁ ଏଡାଇ ଦେଇ ଯିବା ଶୋଭନୀୟ ମଧ୍ୟ ନୁହେଁ । ଏସବୁ ହୋଇପାରେ ଏଥିପାଇଁ ଦେଶର ଶିକ୍ଷା ପ୍ରଣାଳୀରେ ସୋଭିଏତ୍-ନେହେରୁ ବାଦୀ ମଡେଲରେ ଜମି ରହିଥିବା ରୋଗ ଚିହ୍ନଟ ହେବା ଉଚିତ ଓ ଦୂର କରାଯିବା ଆବଶ୍ୟକ । ଏହି ରୋଗ ସର୍ବପ୍ରଥମ ଏହି ମାନ୍ୟତାରେ ଅଛି ଯେ, ସବୁକିଛି ସରକାର କରିବେ । ପୁଣି ଏଥିରେ କୌଣସି ବୈଜ୍ଞାନୀକ, ପ୍ରଗତିଶୀଳ ବିକାଶଧାରାକୁ ପ୍ରସାର କରିବା ଶିକ୍ଷାନୀତିର ମହତ୍ୱ ଉଦ୍ଦେଶ୍ୟ । ଏହା ସହିତ ଏହି ଉପାୟରେ ବିଶେଷ ବିଚାରକୁ ମାନୁଥିବା କିଛି ଲୋକଙ୍କୁ ହିଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ଉଚିତ । ଅନ୍ତତଃ ଏହିକଥାରେ ଘୋଷିତ କାର୍ଯ୍ୟକୁ ପୁରା କରିବା ତଥା ଏହାର ମୂଲ୍ୟାଙ୍କନ କରିବାରେ କାଗଜପତ୍ର ପର୍ଯ୍ୟାପ୍ତ ରହିଛି । ବର୍ତ୍ତମାନ ସୁଦ୍ଧା ପ୍ରାୟତଃ ସ୍ୱୟଂ ନିଜ ପୀଠି ଧାପୁଡାଇ କାଗଜପତ୍ର ଉପଲବ୍ଧିକୁ ଦେଖାଇ ଓ ପରସ୍ପରକୁ ସମ୍ମାନ କରି । କାରଣ ଅଣକଂଗ୍ରେସୀ, ଅଣବାମପନ୍ଥୀ କାମ ପ୍ରଭୃତିର ପରିଚୟ କରି ଏହାକୁ ନମସ୍କାର କରିବା ଜରୁରୀ । ବିଗତ ୧୦ ଦଶକରେ ଯାହାକୁ ଶିକ୍ଷାବିତ୍ ମନେକରି ଶିକ୍ଷା ଫାଇଲ୍ ତିଆରି କରିବା ଠାରୁ ଆରମ୍ଭ କରି ସରକାରୀ ସଂସ୍ଥା ଚଲାଇବା, ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଇବା ପ୍ରଭୃତି କାର୍ଯ୍ୟ ଦିଆଯାଉଛି ଓ ଅଧିକାଂଶ ସୁଯୋଗ ରହିନାହିଁ । ସେମାନଙ୍କ ମଧ୍ୟରୁ ଅନେକ ସୋଭିଏତ-ନେହେରୁବାଦୀ ରୋଗରେ ଗ୍ରାସିତ ରାଜନୀତିକ ପ୍ରଚାରକ ଥିଲେ ଯେଉଁମାନେ କି ନିଜସ୍ୱ ଖାମ୍‌ଖିଆଲି ଶିକ୍ଷାର ଚିନ୍ତା ବୋଲି ମାନୁଥିଲେ । ଏହିକ୍ରମରେ ପିଛିଲା ସଂସ୍କରଣ ଏକ ଏଭଳି କଥିତ ଶିକ୍ଷାଶାସ୍ତ୍ରୀଙ୍କ ଦ୍ୱାରା ସଂଚାଳିତ ହେଲା ଯାହା ଶୀଘ୍ର ଆମ୍ ଆଦ୍‌ମୀ ପାର୍ଟିର ଏକ ବଡ କର୍ଣ୍ଣଧାର ହେଲା ଓ ଚାରିପାହୁଣ୍ଡ ସିଧା ଚାଲିପାରେ ନାହିଁ । ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସମାଜବିଜ୍ଞାନ ପାଠ୍ୟ ପୁରସ୍କାରରେ ଯେଉଁ ବିଧ୍ୱଂସ କରାଗଲା ତାହା କୌଣସି ପ୍ରକୃତ ତଥ୍ୟ ପାଇଁ କଳ୍ପନାତିତ ହୋଇଗଲା । ଆମର ବୈଚାରିକ ରାଜନୀତିକ ସ୍ତର ଏତେ ନିମ୍ନମାନର ହୋଇସାରିଛି ଯେ, ଆମେ ଶୈକ୍ଷିକ ବିଧ୍ୱଂସକୁ ଚିହ୍ନଟ କରିବା ଯୋଗ୍ୟ ମଧ୍ୟ ନୁହଁ । ଏହାକୁ ପରଖିବା ଉଚିତ ଓ ରାଜନୀତିକ ନେତୃବୃନ୍ଦଙ୍କୁ ଶିକ୍ଷାର ଶାସ୍ତ୍ରୀମାନିବାର ଭୁଲ ଯେପରି ଦୋହରା ନଯିବ । ସୋଭିଏତ ଯୁଗର ରଷ ଅନୁଭବ ଥିଲା ଯେ, ପ୍ରତିଭାବାନ ଛାତ୍ର ବିଜ୍ଞାନ ଆଡକୁ ଚାଲିଯାଉଥିଲେ । ସାହିତ୍ୟ, ଇତିହାସ, ଦର୍ଶନ ପ୍ରଭୃତି ଏହି ବିଷୟ ଦଳ ନିୟନ୍ତ୍ରଣରେ ଥିଲା ଓ ଏଥିପାଇଁ ପ୍ରତିଭା ପାଇଁ ବିକାଶର ଅବସର ମଧ୍ୟ ବଞ୍ଚୁନଥିଲା । ଅନେକମାତ୍ରାରେ ଆମର ଦେଶରେ ମଧ୍ୟ ଠିକ୍ ସେଇଆ ହୋଇଛି । ନିଜ ପୀଠି ନିଜେ ଥାପୁଡେଇଥିବା ବିଶିଷ୍ଟ ଐତିହାସିକ ଭଳି ବାମପନ୍ଥୀ ଶବ୍ଦାବଳୀ ବ୍ୟତୀତ ସେହି ବିଷୟରେ କିଛି ଦେଖାଇବା ଯୋଗ୍ୟ ନଥିଲା । ସାମାଜିକ, ମାନବିକ ବିଷୟରେ ମରୁଭୂମି ପ୍ରସାରିତ ହୋଇସାରିଛି । ବିଗତ ଦଶକରେ ଶୈକ୍ଷିକ ନଥି, ପାଠ୍ୟକ୍ରମ, ପାଠ୍ୟପୁସ୍ତକ ତଥା ସମାଜ ବିଜ୍ଞାନ ଏବଂ ମାନବିକ ବିଷୟର ଅଧ୍ୟୟନ-ଅଧ୍ୟାପନ, ଗବେଷଣା, ବିଚାରବିମର୍ଶ ପ୍ରଭୃତିରେ ବିଶିଷ୍ଟ ରାଜନୀତିକ ପ୍ରେରଣା, ନିର୍ଦ୍ଦେଶ ଓ ଚାପ ଆଦି ବିଭିନ୍ନ ରୂପରେ ଲଗାତାର ବଢିବାରେ ଲାଗିଲା । ଏସବୁର ପୂର୍ଣ୍ଣରୂପେ ଶେଷ ହେବା ଆବଶ୍ୟକ । ଯାହାଦ୍ୱାରା କି ଶିକ୍ଷା, ଚିନ୍ତନ, ଗବେଷଣାକୁ ସ୍ୱତନ୍ତ୍ର ତିଆରି କରାଯାଇଥିଲା । ୟୁଜିସି, ୟୁପିଏସ୍‌ସି ତଥା ନେସନାଲ ଏକାଡେମୀ ଅଫ୍ ଆଡମିନ୍‌ଷ୍ଟ୍ରେସନ ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ସଂସ୍ଥାନରେ ପାଠ୍ୟ ନିର୍ଦ୍ଦେଶ ସାମଗ୍ରୀର ତଦନୁରୁପ ସମୀକ୍ଷାର ମଧ୍ୟ ଆବଶ୍ୟକତା ରହିଛି । କାରଣ ଏହି ସ୍ଥାନଗୁଡିକ ମଧ୍ୟ ବିଚାରଧାରାଗ୍ରସ୍ତ ତିଆରି କରାଯାଇଛି । ଏଥିପାଇଁ ସୋଭିଏତ ମଡେଲ ରହିନଥାନ୍ତା । ଏକ ସ୍ୱତନ୍ତ୍ର ଆଲେଖ୍ୟ, ପୁସ୍ତକ, ପାଠ, ସମସ୍ୟାର ଚୟନ ବା ଉପେକ୍ଷା ଦ୍ୱାରା ଯୁବା ପ୍ରଶାସକ ନୀତି ନିର୍ମାତାଙ୍କୁ ସେହି ରାଜନୀତିକ ଚାପରେ ପକାଇବା ପାଇଁ ଖୋଲିଲେ ଓ ସଫଳ ଯତ୍ନ ହୋଇଚାଲିଛି । ସେଥିରେ ମଧ୍ୟ ସୁଧାର ହେବା ଆବଶ୍ୟକ । ଜରୁରୀ କାର୍ଯ୍ୟ ହେଉଛି ସମାଜ ବିଜ୍ଞାନ ଶିକ୍ଷାରେ ଜାରୀ ଭାରତ ସମ୍ବନ୍ଧୀୟ ସେହି ସମସ୍ତ ପ୍ରସ୍ଥାପନାର ସମୀକ୍ଷା କରାଯିବା ଆବଶ୍ୟକ । ଯାହାଦ୍ୱାରା ଏଥିରେ ଭେଦଭାବ, ଦୂରେଇବା ଭଳି ରାଜନୀତିକୁ ଯେପରି ଗୁରୁତ୍ୱ ପ୍ରଦାନ କରାନଯାଏ । ଯେମିତି ଆର୍ଯ୍ୟ-ଦ୍ରାବିଡ, ବ୍ରାହ୍ମଣବାଦ ଓ ପଛୁଆବର୍ଗଙ୍କ ସଂଘର୍ଷ, ବର୍ଗ ସଂଘର୍ଷ, ସାମ୍ରାଜ୍ୟବାଦ ବିରୋଧ ପ୍ରତି ଏଥି ମଧ୍ୟରୁ ଅନେକ ଅବଧାରଣା ମୁଖ୍ୟତଃ କାଳ୍ପନିକ ଓ ରାଜନୀତିକ ମଧ୍ୟ । ଯେଉଁଥିରେ ଶିକ୍ଷାର ସେତେ ସମ୍ପର୍କ ନାହିଁ ଯେଭଳି ଏକ ଭାରତ ବିରୋଧୀ ରାଜନୀତିକୁ ପ୍ରୋତ୍ସାହନ ମିଳିପାରିବ ନାହିଁ । ଅନେକ ବିଶ୍ୱବିଦ୍ୟାଳୟ ବିଭାଗ ଓ ସେଗୁଡିକର ସିଲାବସ୍ ପ୍ରଭୃତିରେ ପରୀକ୍ଷଣରେ ମଧ୍ୟ ଏହି ସରଳତା ଦେଖାଯାଇପାରେ । ଏଥିରେ ଧୋକ୍କା ହେଉଛି ଉଚ୍ଚ ଶିକ୍ଷା ପାଇଁ ଦିଆଯାଉଥିବା ବଜେଟ୍‌ର ଧନରୁ ରାଜନୀତିକ ବିଚାର ଓ ପ୍ରଚାର କରାଯାଉଛି । ଅନ୍ତତଃ ଏଗୁଡିକର ଯାଞ୍ଚ ହେବା ଉଚିତ ଓ ପରିଣାମକୁ ଖୋଲାଖୋଲି ଭାବେ ସମସ୍ତଙ୍କ ସମ୍ମୁଖକୁ ଆଣିବା ଉଚିତ । ତଦନୁରୂପ ଯେଉଁ ପ୍ରସ୍ଥାପନାରେ ମନୋମାନୀ, ଅତିରଞ୍ଜିତ ବା ନିରାଧାର ତତ୍ତ୍ୱ ମିଳିବ ତାର ସଠିକ୍ ଆଲୋଚନାକୁ ମଧ୍ୟ ଶିକ୍ଷା ଓ ଗବେଷଣାରେ ମଧ୍ୟ ସେତିକି ଗୁରୁତ୍ୱ ଦେଇ କୁହାଯିବା ଆବଶ୍ୟକ । ଏହା ଦେଶ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ।

# 'ପଦ୍ମାବତୀ' ସତ କ'ଣ ?–୧୬



ଏସ୍.ଏ. କଲିମ୍



ମୁବାରକ୍ ଶାହାଙ୍କୁ ହତ୍ୟା କରି ଖୁସ୍ରୋ ଖାଁ ଦିଲ୍ଲୀର ଶାସନ କ୍ଷମତାକୁ ଅକ୍ତିଆର କଲେ ଓ ନିଜକୁ ଦିଲ୍ଲୀର ସୁଲତାନ ବୋଲି ଘୋଷଣା କଲେ ଏବଂ ତାଙ୍କର ପ୍ରେମିକା ତଥା ଦିଲ୍ଲୀର ମହାରାଣୀ ଦେବାଳ ଦେବୀଙ୍କୁ ବିବାହ କଲେ । ଅପ୍ରେଲ ୧୫ ତାରିଖ ୧୩୨୦ରେ ଦିଲ୍ଲୀ ସିଂହାସନ ଅକ୍ତିଆର କରିବା ପରେ ଖୁସ୍ରୋ ଖାଁ ଘୋଷଣା କରିଥିଲେ ଯେ, 'ଆଜିପର୍ଯ୍ୟନ୍ତ ମୁଁ ମୁସଲମାନ ରୂପରେ ରହିବା ପାଇଁ ମୋତେ ବାଧ୍ୟ କରାଯାଇଥିଲା, ମୋର ଅନ୍ତରାଆତ୍ମା ଏବେ ବି ହିନ୍ଦୁ । ଏଇଥି ପାଇଁ ମୁଁ ଦିଲ୍ଲୀ ସିଂହାସନର ସୁଲତନା ଘୋଷଣା କରୁଛି ଯେ, ଏବେ ମୁଁ ମୁସଲମାନ ନୁହେଁ । ମୁଁ ଏହା ମଧ୍ୟ ଘୋଷଣା କରୁଛି ଯେ, ମୁଁ ହିନ୍ଦୁ । ମୁଁ ହିନ୍ଦୁ ଓ ଭାରତର ହିନ୍ଦୁ ସମ୍ରାଟ । ଦେବାଳ ଦେବୀ ଯାହାଙ୍କୁ ଧରାଯାଇ ହିନ୍ଦୁ ଧର୍ମରୁ ଜବରଦସ୍ତ ମୁସଲମାନ ଧର୍ମରେ ପରିବର୍ତ୍ତନ କରାଯାଇଥିଲା ସେ ମୋର ପତ୍ନୀ ତଥା ଦିଲ୍ଲୀର ମହାରାଣୀ । ଏବେ ଠାରୁ ମୁଁ ଭାରତର ସମ୍ରାଟ୍ କୁହାଯିବି ।' ସିଂହାସନରେ ବସିବା ସହିତ ଖୁସ୍ରୋ ଖାଁ ନିଜର ନାମ ସହିତ ନାସିର-ଉଦ୍-ଦିନ୍ ସାମିଲ କରିଥିଲେ ।

ସେ ମଧ୍ୟ ହାସନର ସବୁଠାରୁ ବଡ ପ୍ରଶଂସକ ଥିଲେ । ତାଙ୍କର ରଣକୌଶଳକୁ ଦେଖି ସେ ତାଙ୍କୁ ଖୁସ୍ରୋ ଖାଁ ଉପାଧି ପ୍ରଦାନ କରିଥିଲେ । ଆଲ୍ଲାଉଦ୍ଦିନଙ୍କ ସମୟରେ ମଧ୍ୟ ଖୁସ୍ରୋ ଖାଁଙ୍କୁ କେତେକ ମିଶନରେ ପଠାଯାଇଥିଲା ଏବଂ ସେ ସଫଳତା ପୂର୍ବକ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ । ଧିରେ ଧିରେ ଆଲ୍ଲାଉଦ୍ଦିନ ଖିଲିଜ୍‌ଙ୍କ ପୁତ୍ର ମୁବାରକ୍ ଶାହାଙ୍କ ସହିତ ଖୁସ୍ରୋ ଖାଁଙ୍କ ସମ୍ପର୍କ ବଢିଲା ଏବଂ ସେପୁରୁଷ ହୋଇଥିଲେ ମଧ୍ୟ ମୁବାରକ୍ ଶାହାଙ୍କ ପତ୍ନୀର ଭୂମିକା ନିର୍ବାହ କରୁଥିଲେ । ଧିରେ ଧିରେ ମୁବାରକ୍ ଶାହା ଖୁସ୍ରୋ ଖାଁଙ୍କ ଉପରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ନିର୍ଭର କରୁଥିଲେ । ଏହାହିଁ ସୁଯୋଗ ଆଣିଥିଲା ମୁବାରକ୍ ଶାହାଙ୍କ ରାଣୀ ଦେବାଳ ଦେବୀ ଓ ଖୁସ୍ରୋ ଖାଁଙ୍କ ମଧ୍ୟରେ । ଉଭୟଙ୍କ ମଧ୍ୟରେ ଧିରେ ଧିରେ ସମ୍ପର୍କ ବୃଦ୍ଧି ପାଇବାରେ ଲାଗିଲା ଏବଂ ଉଭୟଙ୍କ ପ୍ରେମ ସମ୍ପର୍କ ବୃଦ୍ଧି ପାଇବା ସହିତ ସେମାନେ ଶାସନ କ୍ଷମତାକୁ କିଭଳି ଅକ୍ତିଆର କରିବେ ସେ ନେଇ ଆରମ୍ଭ କରିଥିଲେ ଷଡଯନ୍ତ୍ର । ଗୋଟିଏ ପଟେ ପୂର୍ବତନ ସ୍ୱାମୀ ତଥା ତାଙ୍କ ପ୍ରଥମ ପ୍ରେମର ବିଫଳତା ପାଇଁ ପ୍ରତିଶୋଧ ପରାୟଣ ହୋଇଥିବା ଦେବାଳ ଦେବୀ ଖୁସ୍ରୋ ଖାଁଙ୍କୁ ଅସ୍ତ୍ର ଭାବରେ ବ୍ୟବହାର କରିବା ପାଇଁ ଯୋଜନା କଲେ । ଏହି ଯୋଜନାରେ ଉଭୟ କିଭଳି ଆଗକୁ ଯିବେ ସେ ନେଇ ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କଲେ । ସେମାନେ ଭଲ ଭାବରେ ନିଶ୍ଚିତ ଥିଲେ ଯେ, ଯେପର୍ଯ୍ୟନ୍ତ ସେମାନେ ମୁବାରକ୍ ଶାହାଙ୍କୁ ସନ୍ତୁଷ୍ଟ କରି ତାଙ୍କ ପଛପଟେ ତାଙ୍କର ବିରୁଦ୍ଧରେ ଷଡଯନ୍ତ୍ର କରୁଥିବେ ସେ ପର୍ଯ୍ୟନ୍ତ ସେମାନେ ସୁରକ୍ଷିତ ଥିବେ ଏବଂ ନିଜର ଲକ୍ଷ୍ୟକୁ ହାସଲ କରିପାରିବେ । ଏହି ଦୁଇଜଣଙ୍କ ମଧ୍ୟରେ କେତେବେଳେ ପରସ୍ପର ପ୍ରତି ଦୁର୍ବଳତା ବୃଦ୍ଧି ପାଇଲା ତାହା ସେମାନେ ମଧ୍ୟ ଜାଣିପାରିନଥିଲେ । ଧିରେ ଧିରେ ଉଭୟ ପରସ୍ପରକୁ ଭଲ ପାଇବାକୁ ଲାଗିଲେ । ଦୁଇ ପ୍ରେମୀ ତାଙ୍କର ରାଜନୀତିକ ଲକ୍ଷ୍ୟ ସାଧନ କରିବା ପାଇଁ ରାଜନୀତିକ ଭାବେ ଶକ୍ତିଶାଳୀ ତ ଥିଲେ ସେମାନେ ମୁବାରକ୍ ଶାହାଙ୍କ ଭଳି ବୋକା ରାଜାଙ୍କୁ ନିଜ ଅକ୍ତିଆରକୁ ନେଇ ଧିରେ ଧିରେ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ । ଏହି ଦୁଇଜଣ ଭାବି ପାରିନଥିଲେ ଯେ, ସେମାନେ କ'ଣ କରୁଛନ୍ତି । ଇତିହାସ ମଧ୍ୟ ଚିନ୍ତା କରିପାରିନଥିଲା ଯେ, ଏହି ଦୁଇଟି ଚରିତ୍ର ଭବିଷ୍ୟତରେ କେଉଁ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି ଏବଂ ମୁବାରକ୍ ଶାହାଙ୍କ ବିରୁଦ୍ଧରେ ସେମାନଙ୍କ ଷଡଯନ୍ତ୍ର କେତେ ମାତ୍ରାରେ କାର୍ଯ୍ୟ କରିବ । ସମସ୍ତ ବିଷମତା ସତ୍ତ୍ୱେ ଦେବାଳ ଦେବୀ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ଖୁସ୍ରୋ ଖାଁଙ୍କୁ ସେତେବେଳକୁ ନିଜର ପ୍ରେମ ଫାଶରେ ଆବଦ୍ଧ କରିସାରିଥିଲେ । ଲକ୍ଷ୍ୟପଥରେ ଆଗେଇବା ପାଇଁ ଖୁସ୍ରୋ ଖାଁ ଗୁଜରାଟର ୩୦ ହଜାର ହିନ୍ଦୁ ଯୋଦ୍ଧାଙ୍କୁ ଏକତ୍ରିତ କରି ସେମାନଙ୍କୁ ବିଭିନ୍ନ ରଣକୌଶଳ ଶିକ୍ଷା ଦେଇ ନିଜର ଲକ୍ଷ୍ୟ ହାସଲ ପାଇଁ ଯୋଜନା କରିଥିଲେ । କିନ୍ତୁ ଏମାନଙ୍କୁ କିଭଳି ସେନାରେ ସାମିଲ କରିବେ ? କାରଣ ସେନାବାହିନୀରେ ଥିବା ମୁସଲମାନ ସର୍ଦ୍ଦାରମାନେ ଏହାକୁ କେବେହେଲେ ଗ୍ରହଣ କରିବେ ନାହିଁ । ଏହା ବ୍ୟତୀତ ଖୁସ୍ରୋ ଖାଁ ମୁବାରକ୍ ଶାହାଙ୍କ ମାଧ୍ୟମରେ ହିନ୍ଦୁ ମାନଙ୍କୁ ପୂର୍ବରୁ ଦିଆଯାଉଥିବା ନିର୍ଯାତନାକୁ ଦୂର କରିବା ପାଇଁ ଉଦ୍ୟମ ଆରମ୍ଭ କଲେ । ଆଲ୍ଲାଉଦ୍ଦିନ ଖିଲିଜଙ୍କ ସମୟରେ ହିନ୍ଦୁ ମାନଙ୍କ ଉପରେ ଲାଗୁ କରାଯାଇଥିବା ଜିଜିଆ ଟିକସ ବ୍ୟବସ୍ଥାକୁ ମଧ୍ୟ ଉଚ୍ଛେଦ କରାଇଲେ । ଏପରିକି ହିନ୍ଦୁ ଧର୍ମାନୁଷ୍ଠାନଗୁଡିକର ନିର୍ମାଣ କାର୍ଯ୍ୟ ମଧ୍ୟ ସେ ମୁବାରକ୍ ଶାହାଙ୍କ ମାଧ୍ୟମରେ ଆରମ୍ଭ କଲେ । ଦ୍ୱିତୀୟ ଥର ଗୁଜରାଟ ଆକ୍ରମଣ କରିବା ପରେ ଖୁସ୍ରୋ ଖାଁ ତାଙ୍କ ଭାଇଙ୍କୁ ସେଠାକାର ଗଭର୍ଣ୍ଣର ଭାବରେ ନିଯୁକ୍ତି ଦେଇଥିଲେ, ଯିଏକି ହିନ୍ଦୁ ଧର୍ମରୁ ଇସ୍‌ଲାମ୍ ଧର୍ମ ପରିବର୍ତ୍ତନ କରିଥିଲେ । ଏହାଛଡା ମୁବାରକ୍ ଶାହାଙ୍କ ଶାସନ କାଳରେ ଖୁସ୍ରୋ ଖାଁ ଦେବଗିରିର ହରପାଲ ଦେବରାଓ ଯାଦବଙ୍କ ଦ୍ୱାରା ମହାରାଷ୍ଟ୍ରରେ ହିନ୍ଦୁମାନଙ୍କୁ ଦିଆଯାଉଥିବା ନିର୍ଯାତନାକୁ ଦୃଢହସ୍ତରେ ଦମନ କଲେ । ଏହି ସମୟର ଅନେକ ତଥ୍ୟ ଇତିହାସରେ ସବିଶେଷ ଭାବରେ ବର୍ଣ୍ଣନା କରାଯାଇ ନାହିଁ । ଏପରିକି ଅନେକ ଐତିହାସିକ ତଥ୍ୟ ଅଭାବରୁ ସେ ସମୟର ସ୍ପଷ୍ଟ ଚିତ୍ର ଭାରତୀୟ ଇତିହାସରୁ ମିଳିବା ସମ୍ଭବପର ହୋଇନାହିଁ । ଖୁସ୍ରୋ ଖାଁ ଦାକ୍ଷିଣାତ୍ୟରେ ବିଜୟ ହାସଲ କଲେ । ଯେହେତୁ ଖୁସ୍ରୋ ଖାଁ ମୂଳତଃ ହିନ୍ଦୁ ଧର୍ମର ଥିଲେ ସେ ଦୃଷ୍ଟିକୋଣରୁ ଦେବାଳ ଦେବୀଙ୍କ ସହିତ ମିଶିବା ପରେ ତାଙ୍କର ହିନ୍ଦୁତ୍ୱ ଭାବନା ଆହୁରି ଉଜାଗର ହୋଇଥିଲା । ସେ ଭାରତରେ ଏକ ହିନ୍ଦୁ ରାଜ୍ୟ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖିଥିଲେ । ଯେହେତୁ ଖୁସ୍ରୋ ଖାଁଙ୍କ ଏଭଳି କାର୍ଯ୍ୟ ଦିଲ୍ଲୀ ସୁଲତାନଙ୍କ ବିରୁଦ୍ଧରେ ଥିଲା ଏହାକୁ ମୁସଲମାନ ଐତିହାସିକମାନେ ପ୍ରଚାର କରିବାର ଭୟ ମଧ୍ୟ ଥିଲା । ସେମାନେ ଖୁସ୍ରୋ ଖାଁଙ୍କ ପଦକ୍ଷେପକୁ ଘୃଣା କରିବା ଆରମ୍ଭ କରିଦେଇଥିଲେ । କିନ୍ତୁ ଖୁସ୍ରୋ ଖାଁ ଏଥିପ୍ରତି ଧ୍ୟାନ ନଦେଇ ସୁଲତାନ ମୁବାରକ୍ ଖାଁଙ୍କ ସମସ୍ତ ଯୌନାକାଂକ୍ଷା ପୂରଣ କରି ତାଙ୍କ ଲକ୍ଷ୍ୟପଥରେ ଆଗେଇ ଚାଲିଥିଲେ । ଏହା ପରେ ଖୁସ୍ରୋ ଖାଁ ମାଲୱାର ବିଜୟ କରି ଦିଲ୍ଲୀ ଫେରିଆସିଲେ । ମେୱାରର ରାଣା ହମିର ମଧ୍ୟ ହିନ୍ଦୁ ଶାସନକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଦିଲ୍ଲୀର ହିନ୍ଦୁ ଏବଂ ଉତ୍ତରାଞ୍ଚଳର ହିନ୍ଦୁମାନେ ବିଶ୍ୱାସ କଲେ ଯେ, ଖୁସ୍ରୋ ଖାଁ ହିନ୍ଦୁ ଶାସକ ଓ ରାଜପୁତମାନଙ୍କ ମଧ୍ୟରେ ଏକ ନବଜାଗରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ଯାହାକୁ କି ଦେବାଳ ଦେବୀଙ୍କର ସଂପୂର୍ଣ୍ଣ ସମର୍ଥନ ରହିଛି । କେହି ମଧ୍ୟ ଜାଣିପାରିଲେ ନାହିଁ ଯେ, ଖୁସ୍ରୋ ଖାଁ ଦକ୍ଷିଣ ଭାରତର ହିନ୍ଦୁ ରାଜ୍ୟ ଜୟ କରି ଶାସନର ପରିସୀମାକୁ ବୃଦ୍ଧି କରୁଥିବାରୁ ସେ ମୁସଲମାନ ବିରୋଧୀ ପଦକ୍ଷେପ ନେଉଛନ୍ତି ବୋଲି କାରଣ ଯଦି କାହାର ବି ସନ୍ଦେହ ହୋଇଥାନ୍ତା ଯେ, ଖୁସ୍ରୋ ଖାଁ ମୁସଲମାନ ବିରୋଧୀ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ତାହେଲେ ସେହିଠାରେ ହିଁ ତାଙ୍କର କାର୍ଯ୍ୟ ଶେଷ ହୋଇଥାନ୍ତା । ସେହିପରି କେହି ମଧ୍ୟ ଜାଣିପାରିଲେ ନାହିଁ ଯେ, ଖୁସ୍ରୋ ଖାଁଙ୍କ ଲକ୍ଷ୍ୟ ହେଉଛି ଦିଲ୍ଲୀ ସିଂହାସନ ଓ ତାଙ୍କୁ ଏଥିରେ ଦେବାଳ ଦେବୀ ସମସ୍ତ ପ୍ରକାର ସମର୍ଥନ ଦେଉଛନ୍ତି ବୋଲି । ଏହି ଭଳି ଭାବେ ଗୋଟିଏ ପରେ ଗୋଟିଏ ହିନ୍ଦୁ ବିରୋଧୀ ପଦକ୍ଷେପ ଗ୍ରହଣ କରି ଖୁସ୍ରୋ ଖାଁ ମୁସଲମାନମାନଙ୍କ ପ୍ରିୟପାତ୍ର ହେବା ବେଳେ ମନ ଭିତରେ ହିନ୍ଦୁ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ କରି ଚାଲିଥିଲେ । ମୁବାରକ୍ ଶାହା ଖୁସ୍ରୋ ଖାଁଙ୍କ ସଫଳତାରେ ବହୁ ପ୍ରସନ୍ନ ଥିଲେ ଏବଂ ସେ ତାଙ୍କୁ ସମସ୍ତ ଅଧିକାର ପ୍ରଦାନ କରିଥିଲେ । କହିବାକୁ ଗଲେ ବାସ୍ତବରେ ଶାସକ ମୁବାରକ୍ ଶାହା ନୁହେଁ ଖୁସ୍ରୋ ଖାଁ ହିଁ ଥିଲେ । ଏହାର ସୁଯୋଗରେ ହିନ୍ଦୁ ବିରୁଦ୍ଧରେ ଚାଲିଥିବା ଅତ୍ୟାଚାରକୁ ଖୁସ୍ରୋ ଖାଁ ରାଜ୍ୟରୁ ଦୂର କରିଥିଲେ । ଏପରିକି ହିନ୍ଦୁ ଧର୍ମାବଲମ୍ବୀମାନେ ସେମାନଙ୍କ ପୂଜାର୍ଚ୍ଚନା କିଭଳି ଜାରି ରଖିବେ ସେଥି ପାଇଁ ଧାର୍ମିକ ସ୍ୱତନ୍ତ୍ରତା ପ୍ରଦାନ କରିଥିଲେ । ହିନ୍ଦୁ ଚାଷୀଙ୍କ ଉପରୁ ଟିକସ ଭାର ହ୍ରାସ କରିଥିଲେ । ଯାହାକି ଆଲ୍ଲାଉଦ୍ଦିନ ଖିଲିଜ୍‌ଙ୍କ ସମୟରେ ଲାଗୁ କରାଯାଇଥିଲା । ଧିରେ ଧିରେ ଖୁସ୍ରୋ ଖାଁ ଖିଲିଜ୍ ଶାସନରେ ହିନ୍ଦୁମାନଙ୍କର ମେସିହାର ଅବତାର ରୂପ ନେବା ଆରମ୍ଭ କଲେ । ସେ ଜନସାଧାରଣ ମଧ୍ୟରେ ବହୁ ଲୋକପ୍ରିୟ ହୋଇଗଲେ । କିନ୍ତୁ ପ୍ରକୃତ ସତ କ'ଣ ତାହା ସଂପୂର୍ଣ୍ଣ କଳ୍ପନା ବାହାରେ ଥିଲା । ସମସ୍ତ ସ୍ଥିତି ଖୁସ୍ରୋ ଖାଁ ଓ ଦେବାଳ ଦେବୀଙ୍କ ସପକ୍ଷରେ ଏତେ ମାତ୍ରାରେ ଥିଲା ଯେ, ସେମାନେ ସେମାନଙ୍କ ଯୋଜନାର କାର୍ଯ୍ୟକାରିତା ଓ ନିଷ୍ପାଦନ କରିବା ପାଇଁ ନିଷ୍ପତ୍ତି ନେଲେ । ଏହି ପରିବର୍ତ୍ତନ ଏଭଳି ନାଟକୀୟ ଏବଂ ଅପ୍ରତ୍ୟାଶିତ ଥିଲା ଯେ, ଲୋକେ ବୁଝିବା ପୂର୍ବରୁ ସବୁକିଛି ଘଟିଗଲା । ଖୁସ୍ରୋ ଖାଁ ମୁବାରକ୍ ଶାହାଙ୍କୁ କହିଲେ ଯେ, ସେ ଗୁଜରାଟରେ ୩୦ ହଜାର ହିନ୍ଦୁ ଲୋକଙ୍କ ଉପରେ କବ୍‌ଜା କରିଛନ୍ତି ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମରେ ପରିବର୍ତ୍ତନ କରିବା ପାଇଁ ଦିଲ୍ଲୀ ଆଣିବା ନିମନ୍ତେ ତାଙ୍କର ଇଚ୍ଛା । ୧୩୧୯ ଅପ୍ରେଲ ମାସରେ ଏହି ବ୍ୟକ୍ତିମାନେ ଦିଲ୍ଲୀ ଆସି ଖୁସ୍ରୋ ଖାଁଙ୍କ ନିଜସ୍ୱ ରକ୍ଷୀ ଭାବେ ଯୋଗଦେଲେ । ଏହାପରେ ଖୁସ୍ରୋ ଖାଁ ଓ ଦେବାଳଦେବୀ ସେମାନଙ୍କ ଷଡଯନ୍ତ୍ରର ଯବନିକା ପକାଇବା ପାଇଁ ଶେଷ ନିଷ୍ପତ୍ତି ନେଲେ ।

ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ, ସୁଲତାନ ମୁବାରକ୍ ଖାଁଙ୍କୁ କିଭଳି ଭାବେ ଷଡଯନ୍ତ୍ର କରି ଖୁସ୍ରୋ ଖାଁ ହତ୍ୟା କରିଥିଲେ । ଅମୀର ଖୁସ୍ରୋ ତାଙ୍କ ତୁଗଲକ ନାମାରେ ଉଲ୍ଲେଖ କରିଛନ୍ତି ଖୁସ୍ରୁ ଖାଁଙ୍କ ପ୍ରେମରେ ପାଗଳ ମୁବାରକ୍ ଖାଁ ସଂପୂର୍ଣ୍ଣ ଅନ୍ଧ ହୋଇପଡିଥିଲେ । ସେ ଆଉ ବୁଝିପାରିନଥିଲେ ଯେ, ତାଙ୍କୁ ଭଲ ପାଇବା ମାଧ୍ୟମରେ ଖୁସ୍ରୁ ଖାଁ ତାଙ୍କ ବିରୁଦ୍ଧରେ କିଭଳି ଷଡଯନ୍ତ୍ର କରୁଥିଲେ । ଉଭୟଙ୍କ ପ୍ରେମ କାହାଣୀର ଏକ ଦୁଃଖଦ ଅନ୍ତ ହୋଇଥିଲା । ଥରେ ଉଭୟ ଖୁସ୍ରୁ ଖାଁ ଓ ମୁବାରକ୍ ଖାଁ ଶାରୀରିକ ସମ୍ପର୍କରେ ନିମଜ୍ଜିତ ଥିବା ବେଳେ ଖୁସ୍ରୁ ଖାଁ ଚକ୍ରାନ୍ତ କରି ମୁବାରକ୍ ଖାଁଙ୍କ ଗୁପ୍ତାଙ୍ଗ ଛେଦନ କରିଥିଲେ । ଯେତେବେଳେ ମୁବାରକ୍ ଖାଁ ତଳେ ପଡି ଛଟପଟ ହେଉଥିଲେ ସେହି ସମୟରେ ଖୁସ୍ରୁ ଖାଁ ଏକ ଧାରୁଆ ଖଣ୍ଡାରେ ତାଙ୍କର ମସ୍ତକଚ୍ୟୁତ କରିଥିଲେ । ଯାହାଫଳରେ କି ଖୁସ୍ରୁ ଖାଁଙ୍କ ବିଶ୍ୱାସଘାତକତା ଯୋଗୁ ଦିଲ୍ଲୀ ସୁଲତନା ମୁବାରକ୍ ଖାଁଙ୍କ ସମଲିଙ୍ଗୀ ପ୍ରେମର ଦୁଃଖଦ ଅନ୍ତ ହେବା ସହିତ ତାଙ୍କ ମୃତ୍ୟୁର କାରଣ ମଧ୍ୟ ହୋଇଥିଲା । ଏହା ପରେ ଖିଲିଜ୍ ବଂଶର ପତନ ଘଟିଥିଲା । ମୁବାରକ୍ ଖାଁ ଆଲ୍ଲାଉଦ୍ଦିନ ଖିଲିଜଙ୍କ ଭଳି ଜଣେ ବିଚକ୍ଷଣ ରାଜାଙ୍କର ଅଯୋଗ୍ୟ ସନ୍ତାନ ଥିଲେ ବୋଲି ଇତିହାସରେ ଉଲ୍ଲେଖ ହେଲା । ମାତ୍ର ୪ ବର୍ଷର ଶାସନ କ୍ଷମତାରେ ରହି ମୁବାରକ୍ ଖାଁ ତାଙ୍କ ବିଳାଶୀ ଚିନ୍ତାଧାରା ଓ ସମଲିଙ୍ଗୀ ସମ୍ପର୍କ ପାଇଁ ଭାରତରେ ସେ ସମୟରେ ପ୍ରତିଷ୍ଠିତ ହୋଇଥିବା ସବୁଠାରୁ ବଡ ରାଜ୍ୟର ପତନ ଘଟାଇଲେ । ୧୩୨୦ ଅପ୍ରେଲ ୧୫ ତାରିଖରେ ମୁବାରକ୍ ଶାହାଙ୍କୁ ହତ୍ୟା କରିବା ସହିତ ଦେବାଳ ଦେବୀ ଓ ଖୁସ୍ରୁ ଖାଁଙ୍କ ଷଡଯନ୍ତ୍ର ଯବନିକା ପଡିଥିଲା । ମୁବାରକ୍ ଶାହାଙ୍କୁ ହତ୍ୟା କରି ଖୁସ୍ରୋ ଖାଁ ଦିଲ୍ଲୀର ଶାସନ କ୍ଷମତାକୁ ଅକ୍ତିଆର କଲେ ଓ ନିଜକୁ ଦିଲ୍ଲୀର ସୁଲତାନ ବୋଲି ଘୋଷଣା କଲେ ଏବଂ ତାଙ୍କର ପ୍ରେମିକା ତଥା ଦିଲ୍ଲୀର ମହାରାଣୀ ଦେବାଳ ଦେବୀଙ୍କୁ ବିବାହ କଲେ । ଅପ୍ରେଲ ୧୫ ତାରିଖ ୧୩୨୦ରେ ଦିଲ୍ଲୀ ସିଂହାସନ ଅକ୍ତିଆର କରିବା ପରେ ଖୁସ୍ରୋ ଖାଁ ଘୋଷଣା କରିଥିଲେ ଯେ, 'ଆଜିପର୍ଯ୍ୟନ୍ତ ମୁଁ ମୁସଲମାନ ରୂପରେ ରହିବା ପାଇଁ ମୋତେ ବାଧ୍ୟ କରାଯାଇଥିଲା, ମୋର ଅନ୍ତରାଆତ୍ମା ଏବେ ବି ହିନ୍ଦୁ । ଏଇଥି ପାଇଁ ମୁଁ ଦିଲ୍ଲୀ ସିଂହାସନର ସୁଲତନା ଘୋଷଣା କରୁଛି ଯେ, ଏବେ ମୁଁ ମୁସଲମାନ ନୁହେଁ । ମୁଁ ଏହା ମଧ୍ୟ ଘୋଷଣା କରୁଛି ଯେ, ମୁଁ ହିନ୍ଦୁ । ମୁଁ ହିନ୍ଦୁ ଓ ଭାରତର ହିନ୍ଦୁ ସମ୍ରାଟ । ଦେବାଳ ଦେବୀ ଯାହାଙ୍କୁ ଧରାଯାଇ ହିନ୍ଦୁ ଧର୍ମରୁ ଜବରଦସ୍ତ ମୁସଲମାନ ଧର୍ମରେ ପରିବର୍ତ୍ତନ କରାଯାଇଥିଲା ସେ ମୋର ପତ୍ନୀ ତଥା ଦିଲ୍ଲୀର ମହାରାଣୀ । ଏବେ ଠାରୁ ମୁଁ ଭାରତର ସମ୍ରାଟ୍ କୁହାଯିବି ।' ସିଂହାସନରେ ବସିବା ସହିତ ଖୁସ୍ରୋ ଖାଁ ନିଜର ନାମ ସହିତ ନାସିର-ଉଦ୍-ଦିନ୍ ସାମିଲ କରିଥିଲେ । ଏହା କୌତୁହଳର ଘଟଣା ଯେ, ସେ ରାଜସିଂହାସନରେ ବସିବା ପାଇଁ ମୁସଲମାନ ନାମକୁ ବିବେଚନା କରିଥିଲେ ଓ ଭାରତର ହିନ୍ଦୁ ରାଜା ନାସିର-ଉଦ୍-ଦିନ ଖୁସ୍ରୋ ଖାଁ ନାମରେ ନାମିତ ହୋଇଥିଲେ । ଏହିପରି ଭାବେ ଦେବାଳ ଦେବୀ ଓ ଖୁସ୍ରୋ ଖାଁଙ୍କ ପ୍ରେମ ସମ୍ପର୍କ ସେମାନଙ୍କୁ ତାଙ୍କର ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥିଲା । ଦେବାଳ ଦେବୀ ତାଙ୍କର ପ୍ରଥମ ପ୍ରେମର ପ୍ରତିଶୋଧ ମୁବାରକ୍ ଶାହାର ହତ୍ୟାରେ ନେଇସାରିଥିଲେ । ସେ ଖିଜିର ଖାଁଙ୍କ ରକ୍ତଚିତା ପିନ୍ଧି ଯେଉଁ ଶପଥ ନେଇଥିଲେ ତାହା ମଧ୍ୟ ପୂରଣ ହୋଇଥିଲା । ଦିଲ୍ଲୀ ସିଂହାସନ ଅକ୍ତିଆର କରିବା ପରେ ଖୁସ୍ରୋ ଖାଁ ସମଗ୍ର ଭାରତରେ ଶାନ୍ତିର ପ୍ରସାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଯେଉଁ ଭାରତକି ସେ ସମୟରେ ଆଫଗାନିସ୍ଥାନ ଠାରୁ କର୍ଣ୍ଣାଟକ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । (କ୍ରମଶଃ)

ଭାଷା ଭାବନା

# ମାଲୟାଲମ୍ ଭାଷା : ଅଭିଧାନ ଓ ବ୍ୟାକରଣ



ଡଃ. ଦେବାଶିଷ ମହାପାତ୍ର

ମାଲୟାଲମ୍, କେରଳ ପ୍ରଦେଶର ପ୍ରାଦେଶିକ ଭାଷା । ଭାରତବର୍ଷର ଅନ୍ୟତମ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା । ଦ୍ରାବିଡ ଭାଷା ପରିବାରର ପ୍ରମୁଖ ଭାଷା । ଦେଶବିଦେଶରେ ବ୍ୟବହାର ହେଉଥିବା ଏକ ଅଗ୍ରଣୀ ଭାରତୀୟ ଭାଷା । ଅନ୍ୟଭାଷା ଭଳି ମାଲୟାଲମ୍ ଭାଷା ଶୃଙ୍ଖଳିତ, ବ୍ୟବସ୍ଥିତ, ସଜଡା ଭାଷା କରିବାରେ ପରେ ମାଲୟାଲମ୍ ଭାଷାର ଅଭିଧାନ ଓ ବ୍ୟାକରଣର ଭୂମିକା ଅଭିନନ୍ଦନୀୟ । ଅଭିଧାନ କଥା ଯଦି ପ୍ରଥମେ ଦେଖିବା, ତେବେ ୧୭୭୯ ମସିହା ଥିଲା ମାଲୟାଲାମ୍ ଭାଷାର ଏକ ସ୍ମରଣିକା ବର୍ଷ । ସେହିବର୍ଷ ଜେ. ଫାବ୍ରିକସ ଓ ଜେ. ବ୍ରେଥାପଷ୍ଟଙ୍କ ମିଳିତ ସମ୍ପାଦନାରେ ମାଡ୍ରାସରୁ ପ୍ରକାଶ ପାଇଥିଲା ଏକ ଦ୍ୱିଭାଷୀ ଅଭିଧାନ । ଏହି ଅଭିଧାନଟି ବେଶ ଆଦୃତ ହୋଇଥିଲା । ୧୮୬୪ରେ କୋର୍ଟାୟମରୁ ପ୍ରକାଶ ପାଇଥିଲା- 'A Dictionary of High and colloquial Malayalam and English' ଏହାର ସଂକଳିତ ଥିଲେ ବି. ବେଲେ ତତ୍କାଳୀନ ତ୍ରାଭାନକୋରର ରାଜାଙ୍କ ସହାୟତାରେ ଏହି ଅଭିଧାନଟି ପ୍ରକାଶ ପାଇଥିବାରୁ ତାଙ୍କୁ ଏହା ଉତ୍ସର୍ଗ କରାଯାଇଥିଲା । ତେବେ ବେଲେଙ୍କର ୧୮୪୯ରେ ପ୍ରଥମ ମୁଦ୍ରଣ ଓ ୧୮୬୮ରେ ଦ୍ୱିତୀୟ ମୁଦ୍ରଣ ହୋଇଥିବା 'A Dictionary : English and Malayalam' ମଧ୍ୟ ମାଲୟାଲମ ଭାଷାର ଏକ ଭଲ ଅଭିଧାନ । ଏଥିରେ ମାନକ ମାଲୟାଲମର ଶବ୍ଦାବଳୀ ସ୍ଥାନିତ ହୋଇଥିଲା । ୧୮୭୦ରେ ମାଙ୍ଗାଲୋରରୁ ପ୍ରକାଶ ପାଇଥିଲା ଦୁଇଟି ଅଭିଧାନ । ଗୋଟିଏ ଥିଲା ଇଂରାଜୀ, ମାଲୟାଲମ୍ ବିଦ୍ୟାଳୟ ଅଭିଧାନ, ଅନ୍ୟଟି ମାଲୟାଲମ୍ ଇଂରାଜୀ ବିଦ୍ୟାଳୟ ଅଭିଧାନ । ଏ ଉଭୟ ଅଭିଧାନର ସଂକଳନ ଥିଲେ ଜେ.ଏସ୍. ବେଟଲର । ଦୁଇ ଇଂରାଜୀ ବିଦ୍ୱାନ ଏହା ପୂର୍ବରୁ ଦୁଇଟି ସଂଗ୍ରହଯୋଗ୍ୟ ଅଭିଧାନ ପ୍ରକାଶ କରିଥିଲେ । ଜଣେ ଥିଲେ ଇ. ଲାସର ସନ୍ । ୧୮୫୬ ମସିହାରେ ତାଙ୍କ ସମ୍ପାଦିତ 'A Dictionary of Malayalam and English Language' ପ୍ରକାଶ ପାଇଥିଲା । ୧୮୬୮ରେ ପି. ଜନ୍‌ଙ୍କ ସମ୍ପାଦିତ 'A Vocabulary of English and Malayalam Wards' ପ୍ରକାଶ ପାଇଥିଲା । ଉଭୟ ଅଭିଧାନ କୋଟାୟାମରୁ ପ୍ରକାଶ ପାଇଥିବାର ଜଣାଯାଏ । ୧୮୭୨ରେ ଏଚ୍. ଗୁଣ୍ଡେରଙ୍କ ମାଲୟାଲମ୍-ଇଂରାଜୀ ଅଭିଧାନ ୧୮୭୭ରେ ତାଙ୍କ ସମ୍ପାଦିତ ଆଉ ଏକ ଅଭିଧାନ । ୧୮୯୧ରେ ଏଲ୍. ଜେ. ଫ୍ରନ୍‌ମେୟର ସମ୍ପାଦିତ ମାଲୟାଲମ୍-ଇଂରାଜୀ ଅଭିଧାନ ଉନବିଂଶ ଶତାବ୍ଦୀରେ ମାଲୟାଲମ୍ ଅଭିଧାନ ପ୍ରକାଶନ ତାଲିକାରେ ସ୍ୱତନ୍ତ୍ର ସ୍ଥାନରେ ଆସୀନ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧ୍ୟ ଏହି ଧାରା ବଳବତ୍ତର ରହିଥିଲା । ୧୯୨୧ ମସିହାରେ ଟି. ଜାଚାରିୟାଙ୍କ ସମ୍ପାଦନାରେ ମାଲୟାଲମ୍-ଇଂରାଜୀ ଅଭିଧାନ, ୧୯୩୫ରେ ଗୋପାଳ ପିଲାଇ, ବାପୁରାଓ, ଏନ୍. ଶଙ୍କରଙ୍କ ମିଳିତ ସମ୍ପାଦନାରେ 'The New English-Malayalam Dictionary' ପ୍ରକାଶ ପାଇବାକୁ ଦୃଷ୍ଟାନ୍ତ ଭାବେ ଉଦ୍ଧାର କରାଯାଇପାରେ । ଗୋପାଳ ପିଲାଇ, ବାପୁରାଓ, ଏନ୍. ଶଙ୍କରଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା ଅଭିଧାନର ପ୍ରକାଶକ ଥିଲେ ଶ୍ରୀ ରାମବିଳାସ ପ୍ରେସ୍ । ୧୯୫୨ରେ ଏହାର ଦ୍ୱିତୀୟ, ୧୯୫୫ରେ ତୃତୀୟ ପରିମାର୍ଜିତ ଓ ପରିବର୍ଦ୍ଧିତ, ୧୯୫୬ରେ ଚତୁର୍ଥ, ୧୯୬୨ରେ ପଞ୍ଚମ ସଂସ୍କରଣ ପ୍ରକାଶ ପାଇ ଅଭିଧାନର ଚାହିଦା କିଭଳି ଥିଲା ତା'ର ସୂଚନା ଦିଏ । ସି. ମାଧବନ ପିଲାଇଙ୍କ ସମ୍ପାଦନାରେ କୋଟାୟମର

| ം | ആ | ഇ | ഈ | ഉ | ഊ | ഋ |
|---|---|---|---|---|---|---|
| a | ā | i | ī | u | ū | r̥ |
| [a] | [a:] | [i] | [i:] | [u] | [u:] | [rɨ] |
| എ | ഏ | ഐ | ഒ | ഓ | ഔ | |
| e | ē | ai | o | ō | au | |
| [e] | [e:] | [ai̯] | [o] | [o:] | [au̯] | |
| ൠ | ഌ | ൡ | | | | |
| r̥̄ | l̥ | l̥̄ | | | | |
| [ri:] | [lɨ] | [lɨ:] | | | | |

ସାହିତ୍ୟ ପ୍ରବର୍ତ୍ତକ କୋ ଅପରେଟିଭ୍ ସୋସାଇଟି ଲିମିଟେଡ ପ୍ରକାଶ କରିଥିବା ଇଂରାଜୀ-ମାଲୟାଲାମ ଅଭିଧାନର ଚାହିଦା ମଧ୍ୟ କିଛି କମ ନଥିଲା । ସେହିଭଳି ୧୯୬୬ ମସିହାରେ ପ୍ରଥମ ଖଣ୍ଡ ଏବଂ ପରବର୍ତ୍ତୀ କାଳରେ ଆଠଖଣ୍ଡରେ ପ୍ରକାଶ ପାଇଥିଲା ତ୍ରିଭେନ୍ଦ୍ରମର କେରଳ ବିଶ୍ୱବିଦ୍ୟାଳୟ The New Malayalam Lexicon । ଏହାର ସମ୍ପାଦନା କରିଥିଲେ ଭାଷା ବିଜ୍ଞାନୀ ପି.ଏନ୍ ପିଲାଇ । ୧୯୨୧ରେ ପ୍ରଥମ ଏବଂ ୧୯୫୭ରେ ଚତୁର୍ଥ ସଂସ୍କରଣ ପ୍ରକାଶ ପାଇଥିବା Malayalam-English Dictionaryର ସଂକଳକ ଥିଲେ ବିଦେଶୀ ବିଦ୍ୱାନ ଟି. ଜାକବ । ଆମେ ଯଦି ମାଲୟାଲାମ ଭାଷାର ବ୍ୟାକରଣ କଥା ବିଚାର କରିବା ତେବେ ପ୍ରଥମେ ଦେଖିବା ୧୭୮୪ରେ ପ୍ରକାଶ ପାଇଥିବା ଡି.ଜେନି କ୍ଲେମେଣ୍ଟଙ୍କ 'ଗ୍ରାମାଟିକା ମାଲବାରା' ବ୍ୟାକରଣ ବହି । ଏ ବହିର ମାଲୟାଲାମ ଭାଷାର ବ୍ୟାକରଣକୁ ବୁଝାଇ ବିଶ୍ଳେଷଣ କରାଯାଇଛି । ସେହିପରି ୧୮୬୬ରେ ଏଚ୍. ଗୁଣ୍ଡେର ସମ୍ପାଦିତ 'Grammar of Malayalam Language ୧୮୬୮ରେ ତାଙ୍କ ସମ୍ପାଦିତ A Catechism of Malayalam Grammar ଗବେଷକମାନଙ୍କ ନଜରରେ ପଡେ । ୧୮୩୮ରେ ଜି. ଶଙ୍କର କୁରୁପ ସମ୍ପାଦିତ Malayalam Grammar and composition ଯାହାକୁ କି ତ୍ରିଚୁରର ଭି. ସୁନ୍ଦର ଆୟର ଆଣ୍ଡ ସନ୍ସ ଛାପିଥିଲେ ତାହା ମଧ୍ୟ ମାଲୟାଲମ ଭାଷାର ବ୍ୟାକରଣର ପ୍ରାଥମିକ ପର୍ଯ୍ୟାୟର ଏକ ଉଲ୍ଲେଖଯୋଗ୍ୟ ଉଦାହରଣ । ଭାଷା ବିଜ୍ଞାନ ଦୃଷ୍ଟିରୁ ବିଚାରକଲେ ଏଲ.ଭି. ରାମସ୍ୱାମୀ ଆୟରଙ୍କ ଲିଖିତ ' A Brief Account of Malayalam Phonetics' ଯାହା ୧୯୨୭ରେ କଲିକତାରୁ ପ୍ରକାଶ ପାଉଥିବା Journal of the Department of Letters' ର ଚତୁର୍ଦ୍ଦଶ ସଂଖ୍ୟାରେ ସ୍ଥାନ ପାଇଥିଲା ଏବଂ ତାଙ୍କ ଲିଖିତ 'A Primer of Malayalam Phonology' ୧୯୩୮ରେ ତ୍ରିଚୁରର ବୁଲେଟିନ ଅଫ୍ ଶ୍ରୀରାମ ବର୍ମା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ଷଷ୍ଠ ସଂଖ୍ୟାରେ ସ୍ଥାନ ପାଇଥିଲା । ଏ ଉଭୟ ଗବେଷଣାମୂଳକ ଲେଖାରେ ମାଲୟାଲମ ଭାଷାର ଧ୍ୱନି, ଧ୍ୱନି ବିଜ୍ଞାନ, ଧ୍ୱନିତତ୍ତ୍ୱ, ଧ୍ୱନିବୈଶିଷ୍ଟ୍ୟ ବିଷୟରେ ସୁନ୍ଦର ଭାବେ ବ୍ୟାଖ୍ୟା ଓ ବିଶ୍ଳେଷଣ କରାଯାଇଛି । ମାଲୟାଲମ ଭାଷାର ଭାଷାତାତ୍ତ୍ୱିକ ଆଲୋଚନା ସହ ଅଭିଧାନ ଓ ବ୍ୟାକରଣ ବିଷୟରେ ଉପାଦେୟ ବହି ପ୍ରକାଶ ପାଇ ଏ ଭାଷାର କ୍ରମବିକାଶ କଥା କହିଛି । (କ୍ରମଶଃ)

ବିଜୟ ଭବନ
୧୫୮୮, କେଉଟସାହି ଛକ
ଭୁବନେଶ୍ୱର-୭୫୧୦୦୨
ମୋ-୮୭୬୩୫୦୪୪୩୫

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikaa@yahoo.com City Office : Plot No.354, Saheed Nagar
ସମ୍ପାଦକ : ଜୟାଶୀଷ ରାୟ